# ୧୫ରୁ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠପଢ଼ା

ଭୁବନେଶ୍ୱର, ୨୫।୧୨ (ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଆସନ୍ତା ଜାନୁଆରୀ ୧୫ରୁ ପାଠପଢ଼ା ଆରମ୍ଭ ହେବ। ୬ ବିଷୟରେ ପାଠପଢ଼ା ହେବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆୟୋଜିତ ଏକ ବୈଠକରେ ସୂଚନା ଦେଇ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଡ. ଶ୍ରୀକାନ୍ତ ମହାପାତ୍ର କହିଥିଲେ, ଚଳିତ ବର୍ଷ ୨୨୨ଜଣ ନାମ ଲେଖିଛନ୍ତି। ଏଥିପାଇଁ ୫୭୩ଜଣ ଆବେଦନ କରିଥିଲେ। ଚଳିତ ବର୍ଷ ସାମ୍ବାଦିକତା ଓ ଗଣ ଯୋଗାଯୋଗ, ଗ୍ରାମ୍ୟ ଉନ୍ନୟନ, କମ୍ପ୍ୟୁଟର୍ ସାଇନ୍ସ, ମ୍ୟାନେଜ୍‌ମେଣ୍ଟ ଆଦି ବିଭାଗରେ ଡିପ୍ଲୋମା କୋର୍ସ ଦିଆଯିବ।

## ୬ଟି ବିଷୟରେ ହେବ ଶିକ୍ଷାଦାନ

ତେବେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ସର୍ବାଧିକ ୧୧୩ଜଣ ଆବେଦନ କରିଛନ୍ତି। ଏହା ବ୍ୟତୀତ 'କମ୍ୟୁନିକେସନ୍ ସ୍କିଲ୍ ଇନ୍ ଇଂଲିଶ୍'ରେ ଏକ ସାର୍ଟିଫିକେଟ୍ କୋର୍ସ ମଧ୍ୟ ଦିଆଯିବ। ଭବିଷ୍ୟତରେ ସମସ୍ତ ଜିଲ୍ଲାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷା କେନ୍ଦ୍ର ଖୋଲିବ। ତେବେ ପ୍ରାଥମିକ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, କେନ୍ଦ୍ରପଡ଼ା, ଢେଙ୍କାନାଳ ଓ ପୁରୀ ଆଦି ୫ଟି ସ୍ଥାନରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶିକ୍ଷା କେନ୍ଦ୍ର ଖୋଲିବ। ସେହିପରି ସମ୍ବଲପୁର, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଯାଜପୁର, ବରଗଡ଼, ରାଉରକେଲା, ବାରିପଦା, କଳାହାଣ୍ଡି, ସୁବର୍ଣ୍ଣପୁର, ଯାଜପୁର ଓ ନବରଙ୍ଗପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କେବଳ ଶିକ୍ଷା କେନ୍ଦ୍ର ଖୋଲିବ। ପରେ ସମସ୍ତ ଜିଲ୍ଲାରେ ଖୋଲିବ ବୋଲି ଅଧିକାରୀ ସୂଚନା ଦେଇଥିଲେ। ରାଜଧାନୀ ଭୁବନେଶ୍ୱରରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏକ କେନ୍ଦ୍ର ଖୋଲିବ। ଏହି ବୈଠକରେ ଓଏସ୍‌ଡି ଡ. ମହାପାତ୍ରଙ୍କ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ. ନୱାଜ୍ ହସନ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଗତ ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ।